# ୧୭

# ସାର୍ବଜନୀନ ସାବାଳକ ଭୋଟପ୍ରଥା ଏବଂ ପ୍ରତିନିଧିତ୍ୱର ପଦ୍ଧତି

ପୂର୍ବବର୍ତ୍ତୀ ବିଷୟରେ ଆଲୋଚନା କରାଯାଇଥିବା ଭାରତୀୟ ସଂବିଧାନର ମୁଖବନ୍ଧ ବା ପ୍ରସ୍ତାବନାରେ ତୁମ୍ଭେମାନେ ଜାଣିଛ "ଆମେ ସମସ୍ତେ ଭାରତୀୟ" ବୋଲି ସମ୍ବୋଧନ କରାଯାଇଛି । ଏହି ଶବ୍ଦ ଗୁଡ଼ିକର ଅର୍ଥ କ'ଣ ସୂଚନା ଦେଉଛି ? ଏହି ଶବ୍ଦଗୁଡ଼ିକ ସୂଚନା ଦେଉଛି ଯେ, ଜନସାଧାରଣ ହେଉଛନ୍ତି ପ୍ରକୃତ ପ୍ରଭୂତ୍ୱର ଅଧିକାରୀ ବା ସାର୍ବଭୌମ କ୍ଷମତାର ଅଧିକାରୀ ଏକଥା ସୂଚନା ଦେଉଛି । ଜନସାଧାରଣ ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଜରୀଆରେ ଏହି ପ୍ରଭୂତ୍ୱ ଜାହିର କରନ୍ତି । ଲୋକମାନଙ୍କ ଇଚ୍ଛା ଅନୁଯାୟୀ ଏହି ନିର୍ବାଚିତ ପ୍ରତିନିଧିମାନେ ସରକାରଙ୍କ ସମସ୍ତ କାର୍ଯ୍ୟ ପରିଚାଳନା କରନ୍ତି । ଜନସାଧାରଣ ସେମାନଙ୍କର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ନିଜକୁ ଶାସନ କରନ୍ତି । ଭାରତ ଭଳି ଏକ ବିଶାଳ ଜନବହୁଳ ରାଷ୍ଟ୍ରରେ ପ୍ରତ୍ୟକ୍ଷ ଗଣତନ୍ତ୍ର ପ୍ରତିଷ୍ଠାର ପରିକଳ୍ପନା ଅସମ୍ଭବ ମନେ ହୁଏ । କେବଳ ଏହି ବ୍ୟବସ୍ଥା କେତେକ ସ୍ଥାନୀୟ ସ୍ୱାୟ□ ଶାସନରେ ସମ୍ଭବ ହୋଇଥାଏ । ସେଥିପାଇଁ ପ୍ରାୟ ସବୁ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ମୂଳକ ଶାସନ ବ୍ୟବସ୍ଥା ଦୃଷ୍ଟି ଗୋଚର ହୁଏ । ଏଭଳି ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ସମସ୍ତ ସାବାଳକ ମତଦାନ ମାଧ୍ୟମରେ ସେମାନଙ୍କ ପ୍ରତିନିଧିମାନଙ୍କୁ ବାଛି ଥାଆନ୍ତି । ଏହି ମତଦାନ ଅଧିକାରକୁ ଭୋଟଦାନ କ୍ଷମତା ବା ନାଗରୀକତା କୁହାଯାଏ ।

## ଉଦ୍ଦେଶ୍ୟ

ଏସବୁ ଅଧ୍ୟୟନ କଲାପରେ ତୁମେ ନିମ୍ନଲିଖିତ ବିଷୟ ଗୁଡ଼ିକ ଜାଣିବାରେ ସକ୍ଷମ ହୋଇପାରିବ –

- ସାର୍ବଜନୀନ ସାବାଳକ ଭୋଟ ପ୍ରଥା କ'ଣ ?
- ସାର୍ବଜନୀନ ସାବାଳକ ଭୋଟ ପ୍ରଥାର ଗୁରୁତ୍ୱ କ'ଣ ?
- ଏକଥା ମନେରଖିବାକୁ ହେବ ଯେ, ଭୋଟଦେବା ଅଧିକାର ସର୍ବନିମ୍ନ ବୟସ ସୀମା ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ଅଟେ ।
- ଭାରତରେ ଏହି ବୟସ ସୀମା ସର୍ବନିମ୍ନ ୧୮ ବର୍ଷ ଅଟେ ।
- ପ୍ରତିନିଧିତ୍ୱର ବିଭିନ୍ନ ପଦ୍ଧତି ଗୁଡ଼ିକ ଚିହ୍ନଟ କରିପାରିବ ବା ଜାଣି ପାରିବ ।

## ୧୭.୧ ସାର୍ବଜନୀନ ସାବାଳକ ଭୋଟ ପ୍ରଥାର ଅର୍ଥ ଓ ଗୁରୁତ୍ୱ

ଜନସାଧାରଣଙ୍କର ମତଦାନ ଦ୍ୱାରା ନିର୍ବାଚିତ ପ୍ରତିନିଧି ବାଛିବାର ବ୍ୟବସ୍ଥାକୁ ମତଦାନ ବ୍ୟବସ୍ଥା କୁହାଯାଏ । ଫ୍ରାନ୍‌ଚାଇଜ୍ ଶବ୍ଦଟି ଫରାସୀ ଶବ୍ଦ ଫ୍ରାଙ୍କ୍‌ରୁ ଆନୀତ ଯାହାର ଅର୍ଥ ହେଲା 'Free ବା ମୁକ୍ତ' । ଏହାର

ଅର୍ଥ ହେଲା ମୁକ୍ତ ଭାବରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ବାଛିବା । ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଅର୍ଥ ହେଉଛି, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ବାସସ୍ଥାନ ନିର୍ବିଶେଷରେ ସମସ୍ତ ସାବାଳକଙ୍କର ମତଦାନ ଦାନ ଅଧିକାର ଦେବା ଉଚିତ୍ ।




ଭୋଟ ଦେବା ପାଇଁ ଲୋକମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି

ଏହା ଗଣତନ୍ତ୍ରର ମୌଳିକ ନୀତି ସମାନତା ଉପରେ ପର୍ଯ୍ୟବେସିତ । ଏହା ସମସ୍ତଙ୍କୁ ସମାନତା ଭିତ୍ତିରେ ଭୋଟ ଦେବାର ଅଧିକାର ବିଷୟରେ ଦାବି କରେ । କାରଣ କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ବର୍ଗକୁ ଏହି ଭୋଟ ଦାନ ଅଧିକାରରୁ ବଞ୍ଚିତ କରିବା ଅର୍ଥ ସେମାନଙ୍କର ସମାନତା ଅଧିକାରକୁ ଉଲଙ୍ଘନ କରିବା । ପ୍ରକୃତରେ ଗଣତନ୍ତ୍ରର ସତ୍ତା ଉପଲବ୍ଧି କରିବାକୁ ହେଲେ ବିନା ଭେଦଭାବରେ ସମସ୍ତଙ୍କୁ ଭୋଟଦେବାର ଅଧିକାର ପ୍ରଦାନ କରିବା ଉଚିତ୍ । ଏହାଦ୍ୱାରା ବ୍ୟକ୍ତିର ଆତ୍ମମର୍ଯ୍ୟାଦା, ସମ୍ମାନ, ଦାୟିତ୍ୱବୋଧ ବୃଦ୍ଧି ହେବା ସହିତ ରାଜନୈତିକ ଏବଂ ନାଗରୀକତ୍ୱ ରୂପକ ଶିକ୍ଷା ସମ୍ଭବ ହୁଏ । ଅପର ପକ୍ଷରେ ସାର୍ବଜନୀନ ସାବାଳକ ଭୋଟଦାନ ବ୍ୟବସ୍ଥା ଗଣତନ୍ତ୍ରର ମେରୁଦଣ୍ଡ ସଦୃଶ । ଜନସାଧାରଣଙ୍କୁ ରାଜନୈତିକ ସାର୍ବଭୌମ କ୍ଷମତାର ଅଧିକାରୀ ବୋଲି କୁହାଯାଏ । କାରଣ ସେମାନଙ୍କ ପାଖରେ ସରକାର ବା ଶାସନ କଳ ବାଛିବାର କ୍ଷମତା ରହିଛି ଏବଂ ସେମାନେ ଚାହିଁଲେ ସରକାରକୁ କ୍ଷମତାରୁ ବାହାର ମଧ କରିପାରନ୍ତି । ସେଥିପାଇଁ ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ବୋଲି କୁହାଯାଏ ଯେଉଁଠି ଜନସାଧାରଣଙ୍କ ହାତରେ ସରକାରଙ୍କ ନିଯୁକ୍ତି, ନିୟନ୍ତ୍ରଣ ଏବଂ କ୍ଷମତାରୁ ଅପସାରଣ କରିବାର କ୍ଷମତା ରହିଛି ।

ଆମ ଦେଶ ସମ୍ବିଧାନରେ ବର୍ଣ୍ଣିତ ଅଛି ଯେ, ନାଗରୀକମାନେ ନିୟମିତ ବ୍ୟବଧାନରେ ସଂସଦ ବିଧାନ ସଭାକୁ ଏବଂ ଗଣତନ୍ତ୍ରରେ ରାଜନୈତିକ କ୍ଷମତା ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ପାଇଁ ସେମାନଙ୍କ ପ୍ରତିନିଧିମାନଙ୍କୁ ଭୋଟ ଦାନ ମାଧ୍ୟମରେ ବାଛିଥାନ୍ତି, ଏହି ସବୁ ସଂସ୍ଥାମାନଙ୍କୁ ପ୍ରତିନିଧିମୂଳକ ସଂସ୍ଥା ବୋଲି କୁହାଯାଏ । କାରଣ ଏଥିରେ ଜନସାଧାରଣଙ୍କ ଇଚ୍ଛା ଜଡ଼ିତ ଥାଏ ।

## ୧୭.୨ ସାର୍ବଜନୀନ ସାବାଳକ ଭୋଟ ପ୍ରଥାର ବିକାଶ

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ସାର୍ବଜନୀନ ସାବାଳକ ଭୋଟ ପ୍ରଥା ସାର୍ବଜନୀନ ହେବା ଏକ ମନ୍ଥର ପ୍ରକ୍ରିୟା ଥିଲା । ଗଣତନ୍ତ୍ର ପାଇଁ ପ୍ରକୃତରେ ଯେଉଁ ନିରବଚ୍ଛିନ୍ନ ସଂଘର୍ଷମାନ ପୃଥିବୀରେ ଘଟି ଯାଇଛି ତା'ର ଫଳ ସ୍ୱରୂପ ଲୋକମାନଙ୍କ ଇଚ୍ଛାକୁ ନିଶ୍ଚିତ ରୂପେ ସମ୍ମାନ ଦେବା ଉଦ୍ଦେଶ୍ୟରେ ଅନେକ ଏହି ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ପର୍ଯ୍ୟନ୍ତ ବିଶ୍ୱର ସବୁରାଷ୍ଟ୍ର





ସାର୍ବଜନୀନ ସାବାଳକ ଭୋଟ ପ୍ରଥା ପ୍ରଚଳିତ କରିନଥିଲେ । ଅନେକ ଦେଶ ଏହି ବ୍ୟବସ୍ଥାରେ ଭୋଟ ଦାନ ଅଧିକାର କେବଳ ସମ୍ପତ୍ତି, ଶିକ୍ଷା ଏବଂ ଯୋଗ୍ୟତାକୁ ମାପକାଠି ରୂପେ ବିଚାର କରି ପୁରୁଷମାନଙ୍କୁ ଏହି ଅଧିକାର ପ୍ରଦାନ କରିଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ବିଶ୍ୱାସ ରଖୁଥିବା ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ସାର୍ବଜନୀନ ସାବାଳକ ଭୋଟ ବ୍ୟବସ୍ଥାକୁ କେବଳ ପ୍ରଥମ ବିଶ୍ୱଯୁଦ୍ଧ (୧୯୧୪-୧୮) ସମୟରେ ପ୍ରଚଳନ କରିଥିଲେ । ଏହି ଯୁଦ୍ଧ ଗଣତାନ୍ତ୍ରିକ ନିରାପଦ ବିଶ୍ୱ ପାଇଁ ମିଳିତ ଶକ୍ତି (ଇଂଲଣ୍ଡ, ଫ୍ରାନ୍ସ ଏବଂ ଆମେରିକା ଏବଂ ସହଯୋଗୀ ଅନ୍ୟାନ୍ୟ ରାଷ୍ଟ୍ର) ମାନଙ୍କଦ୍ୱାରା ସଂଗଠିତ ହୋଇଥିଲା । କିନ୍ତୁ ଯେତେବେଳେ ପରାଜିତ ଜର୍ମାନୀ ସାର୍ବଜନୀନ ସାବାଳକ ଭୋଟ ବ୍ୟବସ୍ଥାକୁ ୧୯୧୯ ମସିହାରେ ଅଧିକୃତ କରିଥିଲା ବେଳେ ଇଂଲଣ୍ଡକୁ ନାରୀମାନଙ୍କୁ ଭୋଟ ଦେବା ଅଧିକାର ପ୍ରଦାନ କରିବାକୁ ଆହୁରି ନଅ ବର୍ଷ (ଅର୍ଥାତ୍ ୧୯୨୮) ସମୟ ଲାଗିଥିଲା । ୧୯୧୮ରେ ଇଂଲଣ୍ଡ ସିମୀତ ନାରୀ ମତଦାନକୁ ସ୍ୱୀକୃତ କରିଥିଲା । ଇଂଲଣ୍ଡରେ ୨୧ ବର୍ଷ ପ୍ରାପ୍ତ ହୋଇଥିବା ସମସ୍ତ ପୁରୁଷଙ୍କୁ ଭୋଟଦାନ ଅଧିକାର ମିଳୁଥିଲା ବେଳେ କେବଳ ୩୦ ବର୍ଷପ୍ରାପ୍ତ ମହିଳାମାନଙ୍କର ଭୋଟ ଦେବା ଅଧିକାର ମିଳୁଥିଲା । ଏହି ଭେଦଭାବ କେବଳ ୧୯୨୮ରେ ଦୂର ହୋଇଥିଲା ।

ଫ୍ରାନ୍ସ, ଯେଉଁଠି ସ୍ୱତନ୍ତ୍ରତା ସମାନତା ଏବଂ ଭ୍ରାତୃତ୍ୱର ଆହ୍ୱାନ ବ୍ୟାପକ, ସେଠି ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ପରେ ୧୯୪୫ରେ ହିଁ ଏହି ସାର୍ବଜନୀନ ସାବାଳକ ଭୋଟ ଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଆହୁରି ଆଶ୍ଚର୍ଯ୍ୟର କଥା ହେଲା ପ୍ରତ୍ୟେକ୍ଷ ଗଣତନ୍ତ୍ରର ସୃଷ୍ଟି କ୍ଷେତ୍ର ସୁଇଜରଲ୍ୟାଣ୍ଡରେ ନାରୀ ମତଦାନକୁ ୧୯୭୩ (1973) ମସିହା ପର୍ଯ୍ୟନ୍ତ ବାରଣ କରାଯାଇଥିଲା । ବର୍ତ୍ତମାନର ଭାରତ ସମ୍ବିଧାନ ଯାହା ୧୯୪୯ ମସିହାରେ ପ୍ରଣୟନ ହୋଇ ୧୯୫୦ ମସିହାରୁ କାର୍ଯ୍ୟକାରୀ ହେଲା, ସେବେଠାରୁ ସାର୍ବଜନୀନ ସାବାଳକ ଭୋଟ ପ୍ରଥା ପ୍ରଚଳିତ କରିଅଛି ।

ସାର୍ବଜନୀନ ସାବାଳକ ଭୋଟ ପ୍ରଥା ଭାରତରେ ଜାନୁଆରୀ ୨୬ ତାରିଖ ୧୯୫୦ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଛି ।

### ଭୋଟ ଦାନ ବୟସ :

ଭୋଟଦାନ ପାଇଁ ବୟସ ଯୋଗ୍ୟତା ଭିନ୍ନ ଭିନ୍ନ ଦେଶରେ ଅଲଗା ଅଲଗା ଅଟେ । ଜାପାନ ଏବଂ ଡ଼େନ୍‌ମାର୍କରେ ପୁରୁଷ ଏବଂ ମହିଳା ୨୫ ବର୍ଷରେ ଭୋଟ ଦାନ ଅଧିକାର ପାଉଥିଲା ବେଳେ ନରୱେରେ ଏହା ୨୩, ଇଂଲଣ୍ଡ, ଆମେରିକା, ଋଷିଆ ଏବଂ ତୁର୍କୀରେ ୧୮ ବର୍ଷ ରହିଛି । ସୁଇଜରଲ୍ୟାଣ୍ଡରେ ଏହି ବୟସ ୨୦କୁ ଧାର୍ଯ୍ୟ କରାଯାଇଛି । ଆମ ଦେଶ ଭାରତରେ ସର୍ବନିମ୍ନ ବୟସ ସୀମା ୧୮କୁ ଧାର୍ଯ୍ୟ କରାଯାଇଛି । ସମ୍ବିଧାନର ୬୧ତମ ସଂଶୋଧନ ୧୯୮୯ ଅନୁଯାୟୀ ଏହାକୁ ୨୧ରୁ କମାଯାଇ ୧୮ ସ୍ଥିର କରାଯାଇଛି । ଭାରତରେ ଭୋଟ ଦେବାପାଇଁ କେତେକ ଯୋଗ୍ୟତା ବା ମାପକାଠି ସ୍ଥିର କରାଯାଇଛି । ଆମେ ଆଗରୁ ଜାଣିଛେ ଯେ ଜଣେ ବ୍ୟକ୍ତି ଭୋଟ ଦେବା ପାଇଁ —

- ଭାରତୀୟ ନାଗରୀକ ହୋଇଥିବ ।
- ତାକୁ ଅନ୍ୟୁନ ୧୮ ବର୍ଷ ବୟସ ହୋଇଥିବ ।
- ସୁସ୍ଥ ମସ୍ତିଷ୍କ ସମ୍ପନ୍ନ ହୋଇଥିବ ।
- ଉପଯୁକ୍ତ ନ୍ୟାୟାଳୟ ଦ୍ୱାରା ଦେବାଳିଆ ଘୋଷିତ ହୋଇନଥିବ ।



Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୭.୧

୧। ସାର୍ବଜନୀନ ସାବାଳକ ଭୋଟ ପ୍ରଥା ବ୍ୟବସ୍ଥାରେ କିଏ ଭୋଟ ଦେବା ଅଧିକାର ଉପଭୋଗ କରେ ?

(କ) ସମସ୍ତ ସାବାଳକ – ଉଭୟ ସ୍ତ୍ରୀ ଓ ପୁରୁଷ ।
(ଖ) କେବଳ ପୁରୁଷ
(ଗ) କେବଳ ମହିଳା
(ଘ) ଅପ୍ରାପ୍ତ ବୟସ୍କ

୨। ଏମାନଙ୍କ ମଧ୍ୟରୁ କାହାର ଭୋଟ ଦାନ ଅଧିକାର ନଥାଏ —

(କ) ଅପ୍ରାପ୍ତ ବୟସ୍କ
(ଖ) ବିଦେଶୀ
(ଗ) ବିକୃତ ମସ୍ତିଷ୍କ ବ୍ୟକ୍ତି / ଦେବାଳିଆ
(ଘ) ଉପରୋକ୍ତ ସମସ୍ତ

୩। ଭାରତରେ ଭୋଟଦାନର ସର୍ବନିମ୍ନ ବୟସ ସୀମା ହେଉଛି –

(କ) ୧୬ ବର୍ଷ
(ଖ) ୧୮ ବର୍ଷ
(ଗ) ୨୧ ବର୍ଷ
(ଘ) ୨୫ ବର୍ଷ

୪। ସୁଇଜରଲ୍ୟାଣ୍ଡରେ ସାର୍ବଜନୀନ ସାବାଳକ ଭୋଟ ପ୍ରଥା ପ୍ରଥମେ କେବେ ଆରମ୍ଭ ହୋଇଥିଲା ?

(କ) ୧୯୧୪
(ଖ) ୧୯୪୫
(ଗ) ୧୯୨୮
(ଘ) ୧୯୭୧

## ୧୭.୩. ପ୍ରତିନିଧିତ୍ୱ ପଦ୍ଧତି

ସାର୍ବଜନୀନ ସାବାଳକ ଭୋଟ ବ୍ୟବସ୍ଥା ସମସ୍ତ ନାଗରୀକଙ୍କୁ ରାଷ୍ଟ୍ରର ଶାସନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବାର ସୁଯୋଗ ପ୍ରଦାନ କରିଥାଏ । ନାଗରୀକମାନେ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ବ୍ୟବସ୍ଥା ମାଧ୍ୟମରେ ନିଜ ନିଜର ପ୍ରତିନିଧିମାନଙ୍କୁ ବାଛିଥାନ୍ତି ଏବଂ ଏହି ନିର୍ବାଚିତ ପ୍ରତିନିଧିମାନେ ଶାସନ ପ୍ରକ୍ରିୟାରେ ରହି ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା କରିଥାନ୍ତି । ସାଧାରଣତଃ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବା ପାଇଁ ଦୁଇଟି ପଦ୍ଧତି ରହିଥାଏ । ଯଥା – ଭୂ-ଖଣ୍ଡନୀୟ ପ୍ରତିନିଧିତ୍ୱ ଏବଂ ନିର୍ଦ୍ଧିଷ୍ଟ କାର୍ଯ୍ୟପାଇଁ ପ୍ରତିନିଧିତ୍ୱ ।

### ଆ*ଳିକ ପ୍ରତିନିଧିତ୍ୱ :

ପ୍ରାୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନପ୍ରିୟ ପଦ୍ଧତି ଭାବରେ ଆ*ଳିକ ପ୍ରତିନିଧିତ୍ୱ ଜରିଆରେ ଜନସାଧାରଣ ସେମାନଙ୍କ ନିର୍ବାଚିତ ପ୍ରତିନିଧି ବାଛିଥାନ୍ତି । ଏହି ବ୍ୟବସ୍ଥାନୁଯାୟୀ ଏକ ନିର୍ଦ୍ଧିଷ୍ଟ ଅ*ଳରେ





ବସବାସ କରୁଥିବା ସମସ୍ତ ଯୋଗ୍ୟ ଭୋଟଦାତା ସେମାନଙ୍କ ପ୍ରତିନିଧି ବାଛିଥାନ୍ତି । ଗୋଷ୍ଠୀ ବା ବୃତ୍ତି ନିର୍ବିଶେଷରେ ଗୋଟିଏ ରାଷ୍ଟ୍ରରେ ସମସ୍ତ ଭୋଟଦାତାମାନଙ୍କୁ ନେଇ ଆଞ୍ଚଳିକ ପ୍ରତିନିଧି ନିର୍ବାଚନ ମଣ୍ଡଳୀମାନ ଗଠନ କରାଯାଇଥାଏ । ଏବଂ ପ୍ରତି ନିର୍ବାଚନ ମଣ୍ଡଳୀରୁ ଜଣେ କିମ୍ବା ତତୋଽଧିକ ପ୍ରତିନିଧି ବଛାଯାଇଥାଏ । ଦେଶର ସମସ୍ତ ଜନସଂଖ୍ୟାକୁ ଆଧାର କରି ଏହାକୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଥାଏ ଏବଂ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଊଣା ଅଧିକେ ସମାନ ସଂଖ୍ୟକ ଭୋଟଦାତା ଥାଆନ୍ତି ।

## ପ୍ରକାର୍ଯ୍ୟାତ୍ମକ ପ୍ରତିନିଧିତ୍ୱ:

ଏହାର ଅର୍ଥ ହେଲା ବିଭିନ୍ନ ବୃତ୍ତିଧାରୀ ଗୋଷ୍ଠୀ ଯଥା — ଶିଳ୍ପରେ କାର୍ଯ୍ୟରତ ଶ୍ରମିକ, ବ୍ୟବସାୟୀ, କାର୍ଯ୍ୟଗୋଷ୍ଠୀ, ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ଓକିଲ, ଶିକ୍ଷକ, ପରିବହନ କର୍ମୀ ଇତ୍ୟାଦି । ସେମାନଙ୍କ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବା । ଏହି ବ୍ୟବସ୍ଥା ଅନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥାଏ । ଉଦାହରଣ ସ୍ୱରୂପ – ଶିକ୍ଷକମାନଙ୍କ ପ୍ରତିନିଧିତ୍ୱ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠିତ ହେବ ।

ଗୋଟିଏ ଦେଶର ଏକ ନିର୍ଦ୍ଦିଷ୍ଟ ବୃତ୍ତିଧାରୀମାନଙ୍କୁ ନେଇ ଏକ ବା ଏକାଧିକ ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥାଏ । ଏବଂ ସେମାନଙ୍କ ବାସସ୍ଥାନ ନିର୍ବିଶେଷରେ ସେମାନେ ସମଗ୍ର ଦେଶ ଭିତରେ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରୁ ସେମାନଙ୍କ ପ୍ରତିନିଧି ବାଛିବାର ବ୍ୟବସ୍ଥା ଥାଏ । ଆ*ଳିକ ପ୍ରତିନିଧିତ୍ୱ ପରି ଏଥିରେ ନିର୍ବାଚନ ମଣ୍ଡଳୀ ଗୁଡ଼ିକ ବିଭିନ୍ନ ଭାଗରେ ବିଭକ୍ତ କରାଯାଏ ନାହିଁ । ବରଂ ନିଜ ନିଜର ବୃତ୍ତିକୁ ଭିତ୍ତିକରି ସୃଷ୍ଟି ହୋଇଥିବା ନିର୍ବାଚନ ମଣ୍ଡଳୀ ମାଧ୍ୟମରେ ଏଠାରେ ମତଦାତାମାନେ ସେମାନଙ୍କ ପ୍ରତିନିଧି ବାଛିଥାନ୍ତି ।

## ନିର୍ବାଚନ ମଣ୍ଡଳୀ

ଗୋଟିଏ ନିର୍ବାଚକ ଗୋଷ୍ଠୀ ଯେଉଁମାନେ ସେମାନଙ୍କ ପ୍ରତିନିଧି ବାଛିଥାନ୍ତି ସେମାନଙ୍କୁ ନେଇ ଗୋଟିଏ ଗୋଟିଏ ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥାଏ । ଏହି ନିର୍ବାଚକ ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡର ହୋଇଥାନ୍ତି । ସଂପୃକ୍ତ ଅ*ଳର ଭୋଟରମାନଙ୍କୁ ନେଇ ଲୋକସଭା ତଥା ବିଧାନସଭା ପାଇଁ ନିର୍ବାଚନ ମଣ୍ଡଳୀ ସୃଷ୍ଟି କରାଯାଇଥାଏ । ସେମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ନାଗରୀକ ହୋଇଥାନ୍ତି । ସମ୍ପୃକ୍ତ ଅଞ୍ଚଳର ଭୋଟରମାନଙ୍କୁ ନେଇ ଲୋକସଭା ତଥା ବିଧାନସଭା ପାଇଁ ନିର୍ବାଚନ ମଣ୍ଡଳୀ ସୃଷ୍ଟି କରାଯାଇଥାଏ । କିନ୍ତୁ ଭାରତୀୟ ରାଷ୍ଟ୍ରପତିଙ୍କ ନିର୍ବାଚନ ପାଇଁ ଯେଉଁ ନିର୍ବାଚନମଣ୍ଡଳୀ ଗଠନ କରାଯାଇଥାଏ ସେଥିରେ ଲୋକସଭା ଏବଂ ରାଜ୍ୟ ବିଧାନ ସଭାର ସଭ୍ୟମାନଙ୍କୁ ନେଇ ସେହି ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥାଏ । ଏଥିପାଇଁ ଏକକ ସଦସ୍ୟ ବିଶିଷ୍ଟ କିମ୍ବା ବହୁସଂଖ୍ୟକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ ମଧ୍ୟ ସୃଷ୍ଟି କରାଯାଇପାରେ ।

## ଏକକ ସଭ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ :

ଯେଉଁ ନିର୍ବାଚନମଣ୍ଡଳୀରୁ ଜଣେ ମାତ୍ର ପ୍ରତିନିଧି ବାଛିବାର ବ୍ୟବସ୍ଥା ଥାଏ ତାହାକୁ ଏକକ ସଭ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ କୁହାଯାଏ । ଭାରତରେ ଲୋକସଭା ପାଇଁ ସମଗ୍ର ଦେଶକୁ ୫୪୩ଟି ଏକକ ସଭ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଛି । ଏହି ୫୪୩ ନିର୍ବାଚନ ମଣ୍ଡଳୀ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅ*ଳରୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ସଭ୍ୟ ବାଛିବାର ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଭାରତ ସମେତ ଇଂଲଣ୍ଡ, ଆମେରିକା, କାନାଡ଼ା, ଋଷିଆ, ଅଷ୍ଟ୍ରେଲିଆ, ନେପାଳ ଏବଂ ପାକିସ୍ତାନରେ ମଧ୍ୟ ରହିଛି ।

## ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ :

ଏହି ବ୍ୟବସ୍ଥାଟି 'ସାଧାରଣ ଟିକେଟ୍ ବ୍ୟବସ୍ଥା' ନାମରେ ପରିଚିତ । ଯେଉଁଠି ଗୋଟିଏ ନିର୍ବାଚନ ମଣ୍ଡଳୀରୁ ଏକରୁ ଅଧିକ ସଦସ୍ୟ ନିର୍ବାଚିତ ହୁଅନ୍ତି ତାହାକୁ ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନମଣ୍ଡଳୀ କୁହାଯାଏ ।



Notes

ଏହି ବ୍ୟବସ୍ଥା ସୁଇଜରଲ୍ୟାଣ୍ଡ, ଡେନମାର୍କ, ସ୍ୱିଡ଼େନ୍ ତଥା ଇଟାଲୀରେ ରହିଛି । ଏହି ବ୍ୟବସ୍ଥା ଅନୁଯାୟୀ ସମଗ୍ର ଦେଶକୁ କେତେକ ବୃହତ୍ତ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇ ସେଥିରୁ ଅନେକ ପ୍ରତିନିଧି ବଛାଯାଇଥାଏ । ସଂମ୍ପୃକ୍ତ ନିର୍ବାଚନରୁ ପାଇଥିବା ଭୋଟ ଅନୁପାତରେ ରାଜନୈତିକ ଦଳଗୁଡ଼ିକ ଆସନ ଲାଭ କରିଥାନ୍ତି ।

ଗୋଟିଏ ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରେ ସାଧାରଣତଃ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ନିର୍ବାଚିତ ହେବାକୁ ଜଣେ ପ୍ରାର୍ଥୀଙ୍କୁ ଏକ ନିର୍ଦ୍ଦିଷ୍ଟ ଭାଗ (Quota) ପାଇବାକୁ ହୋଇଥାଏ । ଭୋଟଦାତାମାନେ ପ୍ରତି ନିର୍ବାଚନ ମଣ୍ଡଳୀରୁ ଯେତେ ସଂଖ୍ୟକ ପ୍ରତିନିଧି ବାଛିବାକୁ ଥାଏ ସେତେ ସଂଖ୍ୟକ ଭୋଟ ଦେଇଥାନ୍ତି ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରୁ । ସେମାନେ ପସନ୍ଦ ଅନୁଯାୟୀ ସମ୍ପୃକ୍ତ ପ୍ରାର୍ଥୀମାନଙ୍କ ନାମରେ ସେମାନଙ୍କ ପସନ୍ଦରେ ମୋହର ଲଗାନ୍ତି । ସମାନୁପାତିକ ପ୍ରତିନିଧିତ୍ୱ ବିଷୟରେ ଅଧ୍ୟୟନ କଲାବେଳେ ଏହି ବିଷୟରେ ସବିଶେଷ ଆଲୋଚନା କରାଯିବ ।

ଅତଏବ ଦେଶରେ ଗ୍ରହଣ କରାଯାଇଥିବା ଭୋଟଦାନ ବ୍ୟବସ୍ଥା ଅନୁଯାୟୀ ଗୋଟିଏ ରାଷ୍ଟ୍ରର ନାଗରୀକମାନେ ସେମାନଙ୍କ ଭୋଟଦାନ ଅଧିକାର ସାବ୍ୟସ୍ତ କରନ୍ତି । ବର୍ତ୍ତମାନ ଆମ୍ଭେମାନେ ନିମ୍ନରେ ଏହାର ମୁଖ୍ୟ ବ୍ୟବସ୍ଥା ବିଷୟରେ ଆଲୋଚନା କରିବା

## ୧୭.୪ ସରଳ ସଂଖ୍ୟାଗରିଷ୍ଠ ବ୍ୟବସ୍ଥା

ଗୋଟିଏ ଏକକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରୁ ଲଢୁଥିବା ଅନେକ ପ୍ରାର୍ଥୀ ମଧ୍ୟରୁ ସର୍ବାଧିକ ମତ ଅଧିକାର କରିଥିବା ପ୍ରାର୍ଥୀଙ୍କୁ ନିର୍ବାଚୀତ ଘୋଷଣା କରିବା ବ୍ୟବସ୍ଥାକୁ ସାଧାରଣ ସଂଖ୍ୟାଗରିଷ୍ଠ ବ୍ୟବସ୍ଥା କୁହାଯାଏ । ସଂଖ୍ୟାଗରିଷ୍ଠ ଭୋଟ ପାଇଥିବା ପ୍ରାର୍ଥୀକୁ ନିର୍ବାଚିତ ଘୋଷଣା କରାଯାଏ । ଅନେକ ସମୟରେ ଏହି ବ୍ୟବସ୍ଥାରେ ବହୁପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥାଏ ଏପରିକି ବେଳେ ବେଳେ ଚାରି ପାଞ୍ଚ କିମ୍ବା ତା'ଠାରୁ ଅଧିକ ପ୍ରାର୍ଥୀ ଥିବା ପରିଲକ୍ଷିତ ହୁଏ । ଏଭଳି ପରିସ୍ଥିତିରେ ଜଣେ ପ୍ରାର୍ଥୀ ୫୦ ପ୍ରତିଶତରୁ କମ୍ ଭୋଟ ପାଇଥିଲେ ମଧ ନିର୍ବାଚିତ ହେବା ଦେଖାଯାଏ । ଏଭଳି ପରିସ୍ଥିତି ଭାରତ ଏବଂ ଆଉ କେତେକ ଅଞ୍ଚଳରେ ଦେଖାଯାଏ । ଇଂଲଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା ପ୍ରଭୃତି ଅନ୍ୟ କେତେକ ରାଷ୍ଟ୍ରରେ ସରଳ ସଂଖ୍ୟାଗରିଷ୍ଠ ବ୍ୟବସ୍ଥା ପ୍ରଚଳିତ ।

ଏହି ସାଧାରଣ ସଂଖ୍ୟାଗରିଷ୍ଠ ବ୍ୟବସ୍ଥାକୁ ଫାଷ୍ଟ ପାଷ୍ଟ ଦି ପୋଷ୍ଟ ବ୍ୟବସ୍ଥା ବା "ପ୍ରଥମ ଅତୀତ ପଦବୀ ବ୍ୟବସ୍ଥା" ବୋଲି କୁହାଯାଏ । ଆମ ଦେଶରେ ଲୋକସଭା ସଭ୍ୟମାନେ ଏବଂ ରାଜ୍ୟ ବିଧାନ ସଭାର ସଭ୍ୟମାନେ ଏହି ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ହୋଇଥାନ୍ତି ।

## ୧୭.୫ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା

ଭୋଟଦାନ କ୍ଷମତା ଅନୁଯାୟୀ ସବୁବର୍ଗର ଜନସାଧାରଣଙ୍କୁ ସେମାନଙ୍କ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱର ସୁଯୋଗ ଦେବା ଉଦ୍ଦେଶ୍ୟରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ନାମକ ଏକ ନୂତନ ବ୍ୟବସ୍ଥା ସୃଷ୍ଟି ହୋଇଛି । ଏବଂ ଏହା ଅନୁଯାୟୀ ରାଜନୈତିକ ଦଳ ହୁଅନ୍ତୁ ଅବା ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ ସମସ୍ତେ ପ୍ରତିନିଧିତ୍ୱର ସେମାନଙ୍କ ସଂଖ୍ୟା ଅନୁପାତରେ ପାଇବାର ସୁଯୋଗ ଲାଭ କରିଥାନ୍ତି ।

ଜନ୍ ଷ୍ଟୁଆର୍ଟ୍ ମିଲ୍ ଏହି ବ୍ୟବସ୍ଥାର ଦୃଢ଼ ସମର୍ଥକ ଅଟନ୍ତି । ତାଙ୍କ ମତରେ ଯେ କୌଣସି ବାସ୍ତବ ସମାନ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପ୍ରତ୍ୟେକ ବର୍ଗ କିମ୍ବା ଯେକୌଣସି ବର୍ଗ ସେମାନଙ୍କ ସଂଖ୍ୟା ଅନୁପାତରେ ନିର୍ବାଚିତ ହୋଇପାରିବେ । (ଏବଂ ଅନୁପାତ ରହିତ ପ୍ରତିନିଧିତ୍ୱ ରହିବ ନାହିଁ ।) ସଂଖ୍ୟାଧିକ ମତଦାତାଙ୍କର ସବୁବେଳେ ସଂଖ୍ୟାଧିକ ପ୍ରତିନିଧି ଏବଂ ସଂଖ୍ୟାଲଘୁ ମତଦାତାଙ୍କର ସଂଖ୍ୟାଲଘୁ ପ୍ରତିନିଧି ରହିବେ । ଏହି

ବ୍ୟବସ୍ଥା ଅନୁଯାୟୀ ଗୋଟିଏ ରାଜନୈତିକ ଦଳ ସପକ୍ଷରେ ମତଦାନ ହୋଇଥିବା ଅନୁପାତରେ ସେମାନଙ୍କ ପ୍ରତିନିଧିତ୍ୱ ବ୍ୟବସ୍ଥାପକ ସଭାରେ ନିଶ୍ଚିତ କରାଯାଇଥାଏ । ବେଳେବେଳେ ଏହି ବ୍ୟବସ୍ଥାରେ ଗୋଟିଏ ଦଳ ବ୍ୟବସ୍ଥାପକ ସଭାରେ ଅଧିକ ସଂଖ୍ୟକ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଶତକଡ଼ା ୫୦ରୁ କମ୍ ଭୋଟ ପାଇ ନିର୍ବାଚିତ ହେବାର ଦେଖାଯାଏ । ଉଦାହରଣ ସ୍ୱରୂପ – ଭାରତରେ ୧୯୭୧ ଲୋକସଭା ସାଧାରଣ ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ମାତ୍ର ଶତକଡ଼ା ୪୬ ପ୍ରତିଶତ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ ମଧ୍ୟ ସମୁଦାୟ ୫୨୨ଟି ଆସନ ମଧ୍ୟରୁ ୩୫୧ଟି ସ୍ଥାନ ଅଧିକାର କରିଥିଲା । ତେଣୁ ଶତକଡ଼ା ୫୦ରୁ କମ୍ ଭୋଟ ପାଇଥିଲେ ମଧ୍ୟ ଶତକଡ଼ା ୬୮ ଆସନ ଲୋକସଭାରେ କଂଗ୍ରେସ ଦଳ ଅକ୍ତିଆର କରିବାକୁ ସକ୍ଷମ ହୋଇଥିଲା । ଏହି ଫାଷ୍ଟ୍ ପାଷ୍ଟ୍ ଦି ପୋଷ୍ଟ ସିଷ୍ଟମ୍ (First past the post system) ର ଅସୁବିଧା ଗୁଡ଼ିକୁ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଦ୍ୱାରା ଦୂରକରାଯାଇ ପାରିବ । ଏଥିପାଇଁ ଦୁଇଟି ପଦ୍ଧତି ରହିଛି ।

### ୧। ଏକକ ହସ୍ତାନ୍ତରିୟ ଭୋଟ ଦାନ ବ୍ୟବସ୍ଥା :

ଏହାକୁ ମଧ୍ୟ ହାୟାର ବ୍ୟବସ୍ଥା (Hare System) ବା ଆନ୍ଦ୍ରାୟେ ବ୍ୟବସ୍ଥା (Andre Scheme) ବୋଲି କୁହାଯାଏ । ଏକକ ହସ୍ତାନ୍ତରୀୟ ଭୋଟଦାନ ବ୍ୟବସ୍ଥାନୁଯାୟୀ ପ୍ରତ୍ୟେକ ଭୋଟଦାତା କେବଳ ଗୋଟିଏ ମାତ୍ର ଭୋଟ ଦେବେ । ଯାହାକି ଆବଶ୍ୟକ ସ୍ଥଳେ, ମତଦାତାଙ୍କ ପସନ୍ଦ ଅନୁଯାୟୀ ଅନ୍ୟ ପ୍ରାର୍ଥୀଙ୍କ ପ୍ରତି ପରିବର୍ତ୍ତିତ କରାଯାଇପାରିବ । ସେଥିପାଇଁ ଏହି ବ୍ୟବସ୍ଥାକୁ ପସନ୍ଦ ବ୍ୟବସ୍ଥା ବୋଲି କୁହାଯାଏ । ଏହି ବ୍ୟବସ୍ଥା ନିମ୍ନଲିଖିତ ପରିସ୍ଥିତିରେ କାର୍ଯ୍ୟ କରିଥାଏ ।

(କ) ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ ହୋଇଥିବା ଉଚିତ୍ ଏବଂ ସେଥିରୁ ତିନି କିମ୍ବା ତତୋଽଧିକ ସଦସ୍ୟ ଥିବେ ।

(ଖ) ଜଣେ ମତଦାତାଙ୍କ କେବଳ ଗୋଟିଏ ଭୋଟ କାର୍ଯ୍ୟକାରୀ ହୋଇଥାଏ । ଯାହା ମତଦାତାଙ୍କ ପ୍ରଥମ ଦ୍ୱିତୀୟ ଏବଂ ତୃତୀୟ କିମ୍ବା ଯେତେ ପ୍ରାର୍ଥୀ ଥାଆନ୍ତି ସେତେ ପର୍ଯ୍ୟନ୍ତ ପସନ୍ଦକୁ ପର୍ଯ୍ୟାୟଭୁକ୍ତ କରିପାରିବେ । କିନ୍ତୁ ମତଦାତାଙ୍କ ଗୋଟିଏ ପସନ୍ଦ ହିଁ କାର୍ଯ୍ୟକାରୀ ହୋଇଥାଏ । ମତଦାତା ନିଜର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଏହିପରି ନିଜର ପସନ୍ଦକୁ ପ୍ରାର୍ଥୀଙ୍କ ନାଁରେ ମୋହର ଦେବେ ।


(ଗ) ମତଦାତା ନିଜର ସମସ୍ତ ପସନ୍ଦ ଜଣେ ମାତ୍ର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଦାନ କରିପାରିବେ ।

(ଘ) ଜଣେ ପ୍ରାର୍ଥୀ ନିର୍ବାଚନ ଜିତିବାକୁ ହେଲେ ନିର୍ଦ୍ଦିଷ୍ଟ ସଂଖ୍ୟକ (quota) ଭୋଟ ପାଇଥିବା ଦରକାର । ଯେତେ ଭୋଟ ଦିଆଯାଇଛି ଏବଂ ଯେତେ ସଂଖ୍ୟକ ପଦବୀ ଅଛନ୍ତି ତାକୁ ହରିଲେ ଏହି ନିର୍ଦ୍ଦିଷ୍ଟ quota ସ୍ଥିର ହୁଏ ।

$$\text{ଅତଏବ ଏହି quota} = \frac{\text{ଯେତେ ଭୋଟ ଦିଆଯାଇଛି}}{\text{ନିର୍ବାଚନ ମଣ୍ଡଳୀର ସମସ୍ତ ସିଟ୍ ସଂଖ୍ୟା}} + ୧$$

ଉଦାହରଣ ସ୍ୱରୂପ – ଯଦି ସମୁଦାୟ ମତଦାନ ୨୦,୦୦୦ ହୋଇଥାଏ ଏବଂ ନିର୍ବାଚନ ମଣ୍ଡଳୀର ପଦବୀ ସଂଖ୍ୟା ୩ ହୋଇଥାଏ ତେବେ ଏହି quota ହେବ —

$$\frac{୨୦,୦୦୦}{୩+୧} + ୧ = ୫୦୦୧$$



Notes



ମତ ଗଣନା ଭୋଟ ଦାତାଙ୍କ ପ୍ରଥମ ପସନ୍ଦଗୁଡ଼ିକୁ ନେଇ ଆରମ୍ଭ ହୁଏ । ଜଣେ ପ୍ରାର୍ଥୀ ସ୍ଥିରିକୃତ quota ଆଧାରରେ ନିର୍ବାଚିତ ଘୋଷିତ ହୁଏ । ଏବଂ ନିର୍ବାଚିତ ଘୋଷିତ ହେବାପରେ ବଳକା ଭୋଟ ତକ ଦ୍ୱିତୀୟ ପସନ୍ଦରେ ଥିବା ପ୍ରାର୍ଥୀଙ୍କ ପାଖକୁ ଚାଲିଯାଏ (ଭୋଟ କାଗଜରେ ଚିହ୍ନିତ ପସନ୍ଦକୁ ଭିତ୍ତି କରି) ।

କେତେକ ପ୍ରାର୍ଥୀ ଆବଶ୍ୟକ ଭୋଟ ନପାଇବା ଦ୍ୱାରା ଯଦି ଗୋଟିଏ କିମ୍ବା ଅଧିକ ଆସନ (ସିଟ୍) ଖାଲି ପଡ଼େ ଯେଉଁ ପ୍ରାର୍ଥୀ ସବୁଠାରୁ କମ୍ ଭୋଟ ପାଇଥାନ୍ତି ତାଙ୍କୁ ପ୍ରକ୍ରିୟାରୁ ବାଦ ଦିଆ ଯାଇଥାଏ ଏବଂ ତାଙ୍କର ପ୍ରାପ୍ତ ଭୋଟ ସବୁ ମତଦାତାଙ୍କ ପସନ୍ଦର ଅନ୍ୟ ପ୍ରାର୍ଥୀଙ୍କୁ ହସ୍ତାନ୍ତର କରାଯାଇଥାଏ । ଏହି ବ୍ୟବସ୍ଥା ଭାରତବର୍ଷରେ ପ୍ରଚଳିତ ହୋଇଛି । ରାଜ୍ୟସଭା ସଭ୍ୟ ଏବଂ ରାଜ୍ୟ ବିଧାନ ପରିଷଦର ସଭ୍ୟମାନଙ୍କ ନିର୍ବାଚନ ପାଇଁ ଏହି ବ୍ୟବସ୍ଥା ପ୍ରଚଳିତ ହୋଇଛି । ଭାରତର ମହାମହୀମ ରାଷ୍ଟ୍ରପତି ମଧ୍ୟ ଏହି ବ୍ୟବସ୍ଥା ଅନୁସାରେ ନିର୍ବାଚିତ ହୁଅନ୍ତି ।

### ୨। ଲିଷ୍ଟ ବ୍ୟବସ୍ଥା (ତାଲିକା ବ୍ୟବସ୍ଥା)

ଏହା ଆନୁପାତିକ ପ୍ରତିନିଧିତ୍ୱର ଅନ୍ୟ ଏକ ବ୍ୟବସ୍ଥା । ଏହି ବ୍ୟବସ୍ଥା ଅନୁଯାୟୀ ବୃହତକାୟ ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ ସୃଷ୍ଟି ହୋଇ ଏଥିରେ ବହୁ ସଦସ୍ୟ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୁଅନ୍ତି । ପ୍ରତ୍ୟେକ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀମାନଙ୍କ ତାଲିକା (List) ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀପାଇଁ ପ୍ରଦାନ କରନ୍ତି । ଜଣେ ମତଦାତା ବ୍ୟକ୍ତିକୁ ଭୋଟ ଦେବା ପରିବର୍ତ୍ତେ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକରେ ପ୍ରଦତ୍ତ ତାଲିକା ଉକ୍ତ ପ୍ରାର୍ଥୀମାନଙ୍କୁ ମତଦାନ କରନ୍ତି । ଏହି ମତଦାନକୁ ବିଭକ୍ତ ବା ଭାଗଭାଗ କରି ହୁଏ ନାହିଁ । ଯଦି ଗୋଟିଏ ନିର୍ବାଚନ ମଣ୍ଡଳୀରୁ ୪ ଜଣ ପ୍ରାର୍ଥୀ ନିର୍ବାଚିତ ହେବାକୁ ଥାଏ ତେବେ ଜଣେ ମତଦାତା ଗୋଟିଏ ତାଲିକାରୁ ୨ଟି ଏବଂ ଅନ୍ୟ ତାଲିକାରୁ ଦୁଇଟିଙ୍କୁ ମତ ଦେଇ ପାରିବେ ନାହିଁ ।


ଏହି ନିର୍ଦ୍ଦିଷ୍ଟ ସଂଖ୍ୟକ ମତ (quota) ପାଇଥିବା ରାଜନୈତିକ ଦଳର ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷଣା କରାଯାଏ । ଗୋଟିଏ ଦଳ ତିନୋଟି ଆସନ ପାଇଥିଲେ ଏହି quaota ବ୍ୟବସ୍ଥାନୁଯାୟୀ ତାଲିକାର ପ୍ରଥମ ତିନି ଜଣଙ୍କୁ ନିର୍ବାଚୀତ ଘୋଷଣା କରାଯାଏ । ତାଲିକା ବ୍ୟବସ୍ଥା ଦୁଇପ୍ରକାରର — ବାଧ୍ୟ ତାଲିକା, ମୁକ୍ତ ତାଲିକା । ବାଧ୍ୟ ତାଲିକାରେ ମତଦାତାକୁ ତାଲିକାରେ ପର୍ଯ୍ୟାୟଭୁକ୍ତ ସମସ୍ତଙ୍କ ସପକ୍ଷରେ କିମ୍ବା ବିପକ୍ଷରେ ମତଦେବାକୁ ହୁଏ । କିନ୍ତୁ ମୁକ୍ତ ତାଲିକାରେ ଭୋଟର ତାଲିକା ପସନ୍ଦ କଲାବେଳେ ପର୍ଯ୍ୟାୟକ୍ରମେ ନିଜର ପସନ୍ଦ ସ୍ଥିର କରିଥାଏ । ତାଲିକା ବ୍ୟବସ୍ଥା କେବଳ ସୁଇଜରଲ୍ୟାଣ୍ଡରେ ଅନୁସୃତ ହୁଏ ।

## ୧୭.୬. ଅନ୍ୟାନ୍ୟ ସଂଖ୍ୟାଲଘୁ ପ୍ରତନିଧିତ୍ୱ ବ୍ୟବସ୍ଥା

ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ବ୍ୟତୀତ ଅନ୍ୟ କେତେକ ନିର୍ବାଚନ ପଦ୍ଧତି ବା ପ୍ରଣାଳୀ ମାଧ୍ୟମରେ ବ୍ୟବସ୍ଥାପିକାରେ ସଂଖ୍ୟାଲଘୁମାନଙ୍କ ଯଥାଚିତ ପ୍ରତିନିଧିତ୍ୱ ପାଇଁ ସୁଯୋଗ ରହିଛି । ଏଗୁଡ଼ିକ ହେଲା —

୧। **କ୍ରମବର୍ଦ୍ଧିଷ୍ଣୁ ଭୋଟ ବ୍ୟବସ୍ଥା :** ଏହି ପଦ୍ଧତି ଅନୁଯାୟୀ ଜଣେ ମତଦାତାର ଭୋଟ ସଂଖ୍ୟା ନିର୍ବାଚନ ମଣ୍ଡଳୀର ଥିବା ସମସ୍ତ ଆସନର ସଂଖ୍ୟା ସହ ସମାନ । ମତଦାତା ତାଙ୍କ ଇଚ୍ଛାନୁଯାଇ ମତଦାନ କରିପାରନ୍ତି । ସେ ସମସ୍ତ ପ୍ରାର୍ଥୀଙ୍କ ସପକ୍ଷରେ କିମ୍ବା ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ନିଜର ସବୁ ଭୋଟ ଦେଇ ପାରନ୍ତି ।

ଉଦାହରଣ ସ୍ୱରୂପ – ପାଞ୍ଚଜଣ ପ୍ରାର୍ଥୀ ନିର୍ବାଚିତ ହେବାକୁ ଥିଲେ ଜଣେ ମତଦାତା ତାର ପସନ୍ଦ କେବଳ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ କିମ୍ବା ନିଜର ପସନ୍ଦକୁ ସମସ୍ତ ପାଞ୍ଚଜଣଙ୍କ ମଧ୍ୟରେ ବାଣ୍ଟିପାରେ ।



Notes

ଏହି ବ୍ୟବସ୍ଥା ତେଣୁ ସଂଗଠିତ ସଂଖ୍ୟାଲଘୁ ଗୋଷ୍ଠୀକୁ ନିଜର ସମସ୍ତ ଭୋଟ କ୍ରମବର୍ଦ୍ଧିଷ୍ଣୁ କରି ନିଜ ନିଜର ପ୍ରତିନିଧି ଚୟନ କରିବାରେ ସହାୟକ ହୋଇଥାଏ ।

୨। **ସୀମିତ ମତଦାନ ଯୋଜନା :** ସର୍ବନିମ୍ନ ତିନିଜଣ ପ୍ରାର୍ଥୀଥିବା ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଏହି ବ୍ୟବସ୍ଥା କାର୍ଯ୍ୟ କରିଥାଏ । ଏଥିରେ ଜଣେ, ମତଦାତା ଏକରୁ ଅଧିକ ପ୍ରାର୍ଥୀଙ୍କୁ ପସନ୍ଦ କରିପାରେ କିନ୍ତୁ ସମସ୍ତଙ୍କୁ ପସନ୍ଦ କରିପାରିବ ନାହିଁ । ସେଇଥି ପାଇଁ ଏହାକୁ ସୀମିତ ଭୋଟ ବ୍ୟବସ୍ଥା କୁହାଯାଏ । ଉଦାହରଣ ସ୍ୱରୂପ — ଛଅଟି ଆସନ ବିଶିଷ୍ଟ ଏକ ନିର୍ବାଚନ ମଣ୍ଡଳୀରେ ଜଣେ ମତଦାତା କେବଳ ୪ ଜଣ ପ୍ରାର୍ଥୀଙ୍କୁ ମତଦାନ କରିପାରିବ । ମତଦାତା ନିଜ ପସନ୍ଦ ଅନୁଯାୟୀ ବିଭିନ୍ନ ପ୍ରାର୍ଥୀଙ୍କୁ ମତଦାନ କରିପାରିବ କିନ୍ତୁ ୪ଜଣ ପ୍ରାର୍ଥୀଙ୍କ ଠାରୁ ଅଧିକ ପ୍ରାର୍ଥୀଙ୍କୁ ମତଦାନ କରିପାରିବ ନାହିଁ ।

## ୭.୭ ଦ୍ୱିତୀୟ ମତ ବ୍ୟବସ୍ଥା

ନିର୍ବାଚନରେ ଯଦି କେବଳ ଦୁଇଜଣ ପ୍ରାର୍ଥୀ ଗୋଟିଏ ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଥାନ୍ତି ତେବେ ବା ସଂଖ୍ୟାଧିକ ମତ ଅଧିକାର କରିଥିବା (ସର୍ବନିମ୍ନ ଶତକଡ଼ା ୫୦+୧) ପ୍ରାର୍ଥୀଙ୍କୁ ନିର୍ବାଚୀତ ଘୋଷଣା କରାଯାଏ । କିନ୍ତୁ ଯେତେବେଳେ ଦୁଇରୁ ଅଧିକ ପ୍ରାର୍ଥୀ ଥାଆନ୍ତି ଏପରି ହୋଇପାରେ ଯେ, କୌଣସି ପ୍ରାର୍ଥୀ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ସକ୍ଷମ ହୋଇନଥାନ୍ତି । ଏପରି ସ୍ଥଳେ ଦ୍ୱିତୀୟ ମତ ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ ଯେଉଁଥିରେ କିଛି ଦିନ ଅନ୍ତରରେ ପୁନର୍ବାର ମତଦାନ ହୁଏ । ଏବଂ ଏଥିରେ ସର୍ବାଧିକ ମତହାସଲ କରିଥିବା ଦୁଇଜଣ ପ୍ରାର୍ଥୀଙ୍କୁ ହିଁ ମଇଦାନରେ ରହିବାର ସୁଯୋଗ ମିଳେ । ନିର୍ବାଚନ ପରେ ସର୍ବାଧିକ ସପକ୍ଷ ମତ ହାସଲ କରିଥିବା ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷଣା କରାଯାଏ ।

ଉଦାହରଣ ସ୍ୱରୂପ – ଗୋଟିଏ ନିର୍ବାଚନ ମଣ୍ଡଳୀରେ ୩ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ଯଦି ସମୁଦାୟ ମତଦାନ ୧୨,୦୦୦ ହୋଇଥିବା ବେଳେ 'କ' ପ୍ରାର୍ଥୀ ୫୦୦୦ 'ଖ' ପ୍ରାର୍ଥୀ ୪,୦୦୦ ଏବଂ 'ଗ' ପ୍ରାର୍ଥୀ ୩,୦୦୦ ପାଇଥିଲେ, ଧରିବାକୁ ହେବ ଯେ, କେହି ବି ନିରଙ୍କୁଶ ସଂଖ୍ୟା ଗରିଷ୍ଠ ମତପାଇ ନାହାନ୍ତି । ଏହି ପରିସ୍ଥିତିରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଯାହାକି ୬୦୦୧ରେ କେହି ହାସଲ କରି ନଥାନ୍ତି । ଏପରି ସ୍ଥଳେ ଦ୍ୱିତୀୟ ମତ ବ୍ୟବସ୍ଥାର ଆବଶ୍ୟକ ପଡ଼େ । ଏପରି ପରିସ୍ଥିତିରେ 'ଗ' ଯିଏ ୩୦୦୦ ମତ ଲାଭ କରିଥିଲେ ସର୍ବନିମ୍ନ ସଂଖ୍ୟକ ମତ ଲାଭ କରିଥିବାରୁ ତାଙ୍କୁ ନିର୍ବାଚନ ମଇଦାନରୁ ବାଦ୍ ଦିଆଯାଏ ଏବଂ 'କ' ଓ 'ଖ' ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୁଏ । ଯଦି 'ଖ' ପ୍ରାର୍ଥୀ ଦ୍ୱିତୀୟ ମତ ବ୍ୟବସ୍ଥାନୁଯାୟୀ ସଂଖ୍ୟାଧିକ ସମର୍ଥନ ଲାଭ କରନ୍ତି ତେବେ 'ଖ' ପ୍ରାର୍ଥୀଙ୍କୁ ହିଁ ନିର୍ବାଚିତ ଘୋଷଣା କରାଯାଏ ଏବଂ 'କ' ପ୍ରାର୍ଥୀ ପରାଜିତ ହୁଅନ୍ତି । ଏହି ବ୍ୟବସ୍ଥା ଫ୍ରାନ୍‌ସର ଜାତୀୟ ବିଧାନ ସଭା ଏବଂ ରାଷ୍ଟ୍ରପତି ନିର୍ବାଚନ ପାଇଁ ଅନୁସୃତ ହୋଇଅଛି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୭.୨

**ଶୂନ୍ୟସ୍ଥାନ ପୂରଣ କର ।**

୧। ଦି ଫାଷ୍ଟ ପାଷ୍ଟ ପୋଷ୍ଟ ସିଷ୍ଟମକୁ ସାଧାରଣ ଭାବେ ________ କୁହାଯାଏ ।

୨। ବହୁ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀକୁ ମଧ୍ୟ ________ ବ୍ୟବସ୍ଥା କୁହାଯାଏ ।

୩। ଭାରତରେ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ________ ବ୍ୟବସ୍ଥାନୁଯାୟୀ ପରିଚାଳିତ ହୁଏ ।



Notes

୪। ଅନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କାର୍ଯ୍ୟକାରୀ ହେବାପାଇଁ ________ ଏବଂ ________ ବ୍ୟବସ୍ଥା ଆବଶ୍ୟକ ହୋଇଥାଏ ।

୫। ସଂଖ୍ୟାଲଘୁମାନଙ୍କୁ ପ୍ରତିନିଧିତ୍ୱ ଦେବା ଉଦ୍ଦେଶ୍ୟରେ ବ୍ୟବହୃତ ମତଦାନକୁ ________ ଏବଂ ________ କୁହାଯାଏ ।

## ତୁମେ କ'ଣ ଶିକ୍ଷା କଲ

ଏହି ପାଠ୍ୟରେ ସାର୍ବଜନୀନ ଭୋଟପ୍ରଥା ପ୍ରତିନିଧି ମୂଳକ ଗଣତନ୍ତ୍ରର ମୂଳଭିତ୍ତି ବୋଲି ମନେ ରଖିବାକୁ ହେବ । ଯାହାର ଅର୍ଥ ହେଲା ସ୍ତ୍ରୀ ଅବା ପୁରୁଷ ଏକ ନିର୍ଦ୍ଦିଷ୍ଟ ବୟସରେ ଉପନୀତ ହେବାପରେ (ଭାରତରେ ଏହି ବୟସ ସୀମା ୧୮) ନିଜର ମତଦାନ କରିବାର ଅଧିକାର ପାଇଥାଏ । ଜାତିଧର୍ମ ବର୍ଣ୍ଣ ଲିଙ୍ଗ ଏବଂ ବାସସ୍ଥାନ ନିର୍ବିଶେଷରେ ନାଗରୀକମାନେ ନିଜର ମତଦାନ ଅଧିକାର ଜରିଆରେ ନିର୍ବାଚନରେ ନିଜର ପ୍ରତିନିଧି ବାଛିବାର ସୁଯୋଗ ପାଇଥାନ୍ତି । ତେଣୁ ନିର୍ବାଚନ ପ୍ରକୃତରେ ଗଣତନ୍ତ୍ରର ଆଧାରଶୀଳା ଯାହାଦ୍ୱାରା ଲୋକମାନଙ୍କର ସାର୍ବଭୌମ ଇଚ୍ଛା ମୁକ୍ତ ଏବଂ ସମାନ ମତଦାନ ମାଧ୍ୟମରେ ସମ୍ଭବ ହୋଇଥାଏ ।

ତୁମେମାନେ ବର୍ତ୍ତମାନ ଜାଣିଲ ଯେ ଗଣତନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦୁଇ ପ୍ରକାର ବିକଳ୍ପ ପ୍ରତିନିଧିତ୍ୱ ରହିଛି, ଯଥା ଭୂଖଣ୍ଡୀୟ ଏବଂ କାର୍ଯ୍ୟକାରୀତା ପ୍ରତିନିଧିତ୍ୱ । ଭୂଖଣ୍ଡୀୟ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ଗୋଟିଏ ରାଷ୍ଟ୍ରକୁ କେତେକ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଥାଏ । ଏବଂ ମତଦାତାମାନେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ସେମାନଙ୍କ ପ୍ରତିନିଧି ମନୋନୟନ କରନ୍ତି । ଏହି ବ୍ୟବସ୍ଥା ଆମ ଦେଶରେ ଅତ୍ୟନ୍ତ ଜନପ୍ରିୟ । ଆମ ଦେଶରେ ଲୋକସଭା ଏବଂ ରାଜ୍ୟ ବିଧାନ ସଭା ପାଇଁ ଏହି ବ୍ୟବସ୍ଥାନୁଯାୟୀ ନିର୍ବାଚନ ହୁଏ । କାର୍ଯ୍ୟକାରୀତା ପ୍ରତିନିଧିତ୍ୱ ବ୍ୟବସ୍ଥାରେ ମତଦାତାମାନେ ବୃତ୍ତି ଏବଂ ବ୍ୟବସାୟକୁ ଆଧାରରୂପେ ଗ୍ରହଣ କରି ସେମାନଙ୍କୁ ସୁହାଉଥିବା ପ୍ରତିନିଧି ବାଛନ୍ତି । ତେଣୁ ଶିକ୍ଷକ, ପରିଚାଳକ, ଶିଳ୍ପପତି, ବ୍ୟବସାୟୀ ଏବଂ କର୍ମଜୀବୀ ବର୍ଗ ଓ ସେମାନଙ୍କ ନିଜ ନିଜର ପ୍ରତିନିଧିମାନଙ୍କୁ ମନୋନୟନ କରନ୍ତି ।


ଏକ ସଦସ୍ୟ ବିଶିଷ୍ଟ ନିର୍ବାଚନ ମଣ୍ଡଳୀରେ ସାଧାରଣ ସଂଖ୍ୟା ଗରିଷ୍ଠତା ଦ୍ୱାରା ସର୍ବାଧିକ ମତ ଅଧିକାର କରିଥିବା ପ୍ରାର୍ଥୀଙ୍କୁ ନିର୍ବାଚିତ ଘୋଷଣା କରାଯାଏ । ଏହି ବ୍ୟବସ୍ଥା ସବୁ ବର୍ଗର ଜନସାଧାରଣଙ୍କୁ ଠିକ୍ ପ୍ରତିନିଧିତ୍ୱର ସୁଯୋଗ ଦିଏନା । ତେଣୁ ଆନୁପାତିକ ପ୍ରତିନିଧିମୂଳକ ବ୍ୟବସ୍ଥା ଦ୍ୱାରା ସଂଖ୍ୟାଲଘୁ ଗୋଷ୍ଠୀ ସେମାନଙ୍କ ମତଦାନ ସମ୍ବଳର (Voting Strength) ଅନୁପାତିକ ପ୍ରତିନିଧିତ୍ୱ ସୁଯୋଗ ପାଇଥାନ୍ତି । ସହିତ ସବୁବର୍ଗର ଜନସାଧାରଣଙ୍କୁ ସେମାନଙ୍କ ସମ୍ପର୍କରେ ସୁଯୋଗ ଦେବା ସଙ୍ଗେ ସଙ୍ଗେ ପ୍ରତିନିଧିତ୍ୱର ସୁଯୋଗ ଦିଏ । ସଂଖ୍ୟାଲଘୁ ପ୍ରତିନିଧିତ୍ୱ ଅନ୍ୟ କେତେକ ନିର୍ବାଚନ ପଦ୍ଧତି ଯଥା କ୍ରମବର୍ଦ୍ଧିଷ୍ଣୁ ଭୋଟ ବ୍ୟବସ୍ଥା ଏବଂ ସୀମିତ ଭୋଟ ଯୋଜନା ମାଧ୍ୟମରେ ମଧ୍ୟ ସମ୍ଭବ ହୋଇଥାଏ ।

## ପାଠ୍ୟାନ୍ତ ଅଭ୍ୟାସ

୧। ସାର୍ବଜନୀନ ସାବାଳକ ଭୋଟପ୍ରଥାର ଅର୍ଥ ଓ ଗୁରୁତ୍ୱ ବର୍ଣ୍ଣନା କର ।

୨। ସରଳ ସଂଖ୍ୟାଗରିଷ୍ଠତା କ'ଣ ? ବର୍ଣ୍ଣନା କର ।

୩। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କ'ଣ — କେଉଁ ଦୁଇଟି ପ୍ରଣାଳୀରେ ଏହା କାର୍ଯ୍ୟକାରୀ ହୋଇଥାଏ ବୁଝାଅ ।


Notes

୪। ଅନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ବ୍ୟତୀତ ସଂଖ୍ୟାଲଘୁ ପ୍ରତିନିଧିତ୍ୱ ପ୍ରାପ୍ତି ପାଇଁ ପଦ୍ଧତିମାନ ବୁଝାଅ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୭.୧।**

୧। (କ)

୨। (ଘ)

୩। (ଖ)

୪। (ଘ)

**୧୭.୨**

୧। ସରଳ ସଂଖ୍ୟାଗରିଷ୍ଠ ପଦ୍ଧତି

୨। ସାଧାରଣ ପ୍ରବେଶପତ୍ର (ଟିକେଟ୍) ପଦ୍ଧତି

୩। ଭୂଖଣ୍ଡନୀୟ ପ୍ରତିନିଧିତ୍ୱ

୪। ଏକକ ହସ୍ତାନ୍ତରୀୟ ମତଦାନ ବ୍ୟବସ୍ଥା ଏବଂ ଲିଷ୍ଟ ବ୍ୟବସ୍ଥା

୫। କ୍ରମ ବର୍ଦ୍ଧିଷ୍ଣୁ ଭୋଟ ବ୍ୟବସ୍ଥା ଏବଂ ସିମୀତ ମତଦାନ ଯୋଜନା ।

### ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ପରିଚ୍ଛେଦ ୧୭.୧କୁ ଦେଖ

୨। ପରିଚ୍ଛେଦ ୧୭.୪କୁ ଦେଖ

୩। ପରିଚ୍ଛେଦ ୧୭.୫କୁ ଦେଖ

୪। ପରିଚ୍ଛେଦ ୧୭.୬କୁ ଦେଖ

## ଆସ କୈଶୋରବସ୍ଥା ବିଷୟରେ ଚିନ୍ତା କରିବା

ପୂର୍ଣ୍ଣ ବୟସ ପ୍ରାପ୍ତ ପୂର୍ବରୁ ଶରୀରରେ ଦେଖା ଦେଇଥିବା ପରିବର୍ତ୍ତନର କାରଣ ଗୁଡ଼ିକ କ'ଣ ?

ଶରୀରରେ ଥିବା ହରମୋନ୍ସ ନାମ ରସାୟନ ପଦାର୍ଥର ପରିବର୍ତ୍ତନ ହେବା ଦ୍ୱାରା ଏପରି ପରିବର୍ତ୍ତନ ଘଟିଥାଏ । ଉଭୟ ବାଳକ ଓ ବାଳିକାମାନଙ୍କର ହରମୋନସ୍ ଥାଏ; କିନ୍ତୁ ଭିନ୍ନ ଭିନ୍ନଙ୍କ ଠାରେ ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ହରମୋନସ୍ ଥାଏ । ସେଇଥିପାଇଁ ଦେଖାଦେଉଥିବା କେତେକ ପରିବର୍ତ୍ତନ ବାଳକ ଓ ବାଳିକାମାନଙ୍କ ଠାରେ ଭିନ୍ନ ଭାବେ ଦେଖା ଦେଇଥାଏ ।